ଗ୍ରାମୀଣ କୃଷି ମୌସମ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ
ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରସାରଣ କେନ୍ଦ୍ର , ଭବାନୀପାଟଣା, କଳାହାଣ୍ଡି


**ପତ୍ର ସଂ –୧୦୨/୨୦୨୩** **ସପ୍ତାହ- ୫୧** **ଶୁକ୍ରବାର, ତାରିଖ ୨୨.୧୨.୨୦୨୩**

**ନୂଆପଡ଼ା ଜିଲ୍ଲା ପାଇଁ ପାଣିପାଗ ପୂର୍ବାନୁମାନ – ୨୩.୧୨.୨୦୨୩ ରୁ ୨୭.୧୨.୨୦୨୩ ପର୍ଯ୍ୟନ୍ତ:**

ଭାରତୀୟ ପାଣିପାଗ ବିଭାଗର ଆକଳନ ଅନୁସାରେ ଆସନ୍ତା ପାଞ୍ଚ ଦିନ ପାଗ ମୁଖ୍ୟତଃ ଶୁଖିଲା ରହିବାର ସମ୍ଭାବନା ଅଛି । ଏହି ସମୟରେ ଆକାଶ ମୁଖ୍ୟତଃ ମେଘଶୂନ୍ୟ ରହିବା ସହିତ ଉକ୍ତ ସମୟ ମଧ୍ୟରେ ପବନ ମୁଖ୍ୟତଃ ପୂର୍ବ ରୁ ଦକ୍ଷିଣ ପଶ୍ଚିମ ଦିଗ ଆଡୁ ଘଣ୍ଟା ପ୍ରତି ୦୦୪ – ୦୦୫ କି.ମି. ବେଗରେ ବହିବାର ଆଶଙ୍କା ଅଛି। ଏହି ସମୟରେ ଦିନ ର ସର୍ବାଧିକ ତାପମାତ୍ରା ୨୭ - ୨୮ ଡିଗ୍ରୀ ସେ. ଓ ସର୍ବନିମ୍ନ ତାପମାତ୍ରା ୧୨ – ୧୫ ଡିଗ୍ରୀ ସେ. ଏବଂ ସର୍ବାଧିକ ଓ ସର୍ବନିମ୍ନ ଆପେକ୍ଷିକ ଆଦ୍ରତା ଯଥାକ୍ରମେ ୪୪ – ୬୩ % ଓ ୨୫ – ୩୫ % ରହିବ ବୋଲି ଆଶା କରାଯାଏ ।

| ଜିଲ୍ଲା | ତାରିଖ | ବର୍ଷା ପରିମାଣ (ମି.ମି.) | ସର୍ବାଧିକ ତାପମାତ୍ରା (⁰ସେ.) | ସର୍ବନିମ୍ନ ତାପମାତ୍ରା (⁰ସେ.) | ଆକାଶରେ ମେଘର ପରିମାଣ (ଅକଟା) | ସର୍ବାଧିକ ଆପେକ୍ଷିକ ଅଦ୍ରତା (%) | ସର୍ବନିମ୍ନ ଆପେକ୍ଷିକ ଅଦ୍ରତା (%) | ପବନର ବେଗ (କି.ମି. ପ୍ରତି ଘଣ୍ଟା ) | ପବନର ଦିଗ (ଡିଗ୍ରୀ) |
|---|---|---|---|---|---|---|---|---|---|
| ନୂଆପଡ଼ା | ୨୩-୧୨-୨୦୨୩ | ୦ | ୨୭ | ୧୨ | ୨ | ୪୪ | ୨୫ | ୪ | ୭୫ |
| | ୨୪-୧୨-୨୦୨୩ | ୦ | ୨୭ | ୧୪ | ୨ | ୬୩ | ୨୮ | ୪ | ୭୧ |
| | ୨୫-୧୨-୨୦୨୩ | ୦ | ୨୮ | ୧୫ | ୧ | ୬୩ | ୩୫ | ୫ | ୭୧ |
| | ୨୬-୧୨-୨୦୨୩ | ୦ | ୨୮ | ୧୫ | ୨ | ୬୧ | ୩୨ | ୪ | ୨୦୭ |
| | ୨୭-୧୨-୨୦୨୩ | ୦ | ୨୮ | ୧୫ | ୧ | ୫୯ | ୩୦ | ୪ | ୯୦ |

**ଅଧିକ ସୂଚନା ପାଇଁ ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ବର ସହିତ ଯୋଗାଯୋଗ କରନ୍ତୁ ଫୋନ.#୦୬୭୪ - ୨୫୯୦୬୧୧୬**

**ପାଣିପାଗ ଭିତ୍ତିକ କୃଷି ଉପଦେଶ**

- ଖରିଫ ଧାନ ଅମଳ ପରେ ଜମିରେ ଥିବା ଅବଶେଷରେ ନିଆଁ ଲଗାନ୍ତୁ ନାହିଁ ବରଂ ସେହି ଅବଶେଷକୁ ହଳ କରି ମାଟିରେ ମିଶାଇ ଦିଅନ୍ତୁ ।
- ଛିଡ଼ା ହେଇଥିବ ଫସଲ କିମ୍ବା ପନିପରିବା ଚାଷକୁ କୁହୁଡ଼ି, ନିମ୍ନ ତାପମାତ୍ରା ତଥା ମାଟିରେ ଆର୍ଦ୍ରତାର ଅଭାବ ରୁ ବଞ୍ଚାଇବା ପାଇଁ ସକାଳୁ ହାଲୁକା ଜଳସେଚନ ର ବ୍ୟବସ୍ଥା କରନ୍ତୁ।
- ପନିପରିବା ତଳିକୁ ରାତିରେ ପଲିଥିନ ଦ୍ୱାରା ଘୋଡ଼ାଇ ରଖନ୍ତୁ ଯଦ୍ୱାରା ରାତିର ନିମ୍ନ ତାପମାତ୍ରା କାରଣ ଜନିତ ସ୍ୱଳ୍ପ ଗଜା ହେବାରୁ ସୁରକ୍ଷା ମିଳିପାରିବ।
- ପନିପରିବା ଚାଷରେ କୋଡା ଖୋସା, ହୁଡ଼ା ଟେକା କାମ କରି ଦିଅନ୍ତୁ ଓ ଅନାବନା ଘାସ ଓପାଡ଼ି ଦିଅନ୍ତୁ। ସମୟ ମୁତାବକ ଅନୁମୋଦିତ ସାର ପ୍ରୟୋଗ ପରେ ଜଳସେଚନ ର ବ୍ୟବସ୍ଥା କରନ୍ତୁ।
- ଆମ୍ବ ଗଛର ଗଣ୍ଡି ଚାରିପଟେ ପୋଲିଥିନ ଦ୍ୱାରା ଆଚ୍ଛାଦନ କରନ୍ତୁ ଯାହାଫଳରେ ଦହିଆ ପୋକ ଗଛ ଉପରକୁ ଚଢ଼ି ପାରିବେ ନାହିଁ।
- ଗୃହପାଳିତ ଗାଈ, ମଇଁଷି, ଛେଳି, ମେଣ୍ଢା ମାନଙ୍କୁ ଫାଟୁଆ, ସାହାଣ, ବଜବଜିଆ, ଛେଳି ମଡ଼କ ଓ ଛେଳି ବସନ୍ତ ଆଦି ରୋଗରୁ ରକ୍ଷା କରିବା ପାଇଁ ଉପଯୁକ୍ତ ସମୟରେ ଟୀକା ଦାନ କରନ୍ତୁ।

**ଡାଲୁଅ ଧାନ :**

**ରୁଆ ଧାନ:**

- ଏକ ଏକର ଚାଷ ପାଇଁ ୧୦ ଡେସିମାଲ ଜାଗାରେ ତଳିଘରା ପ୍ରସ୍ତୁତ କରନ୍ତୁ । ଅଧିକ ଅମଳକ୍ଷମ କିସମ ଯଥା ଏମଟିୟୁ ୧୦୧୦, ଏମଟିୟୁ ୧୦୦୧, ଡିଆରଆର ୪, ସହାଭାଗୀ ଧାନ, ଲଲାଟ, ଉନ୍ନତ ଲଲାଟ, ମନ୍ଦାକିନୀ, ବୀଣା ୧୧ ଆଦି ସଂଗ୍ରହ କରନ୍ତୁ। ତଳିରେ ବିହନ ବୁଣିବା ପୂର୍ବରୁ ବିହନକୁ ୧ଗ୍ରା କରବେନଦାଜିମ କିମ୍ବା ୨ ଗ୍ରା କାର୍ବୋକ୍ସିନ କିମ୍ବା ଥିରାମ କୁ ପ୍ରତି ଏକ କିଲୋଗ୍ରାମ ବିହନରେ ମିଶାଇ ବିହନ ବିଶୋଧନ କରନ୍ତୁ।
- ତଳିଘରାକୁ ଥଣ୍ଡା ଦାଉରୁ ରକ୍ଷା କରିବା ପାଇଁ ଧାନ ବୁଣିବା ପରେ ତଳିଘରା ଉପରେ ଶୁଖିଲା ଗୋବର ଖତର ଏକ ପତଳା ସ୍ତର ପକାନ୍ତୁ। ଅପରାହ୍ନରେ ରେ ତଳିଘରାରେ ଜଳସେଚନ କରନ୍ତୁ। ଅତ୍ୟଧିକ ଥଣ୍ଡା ହେଲେ ରାତିରେ ତଳିଘରାକୁ ପଲିଥିନ ସାହାଯ୍ୟରେ ଘୋଡ଼ାଇ ରଖନ୍ତୁ ଏବଂ ଦିନବେଳା ବାହାର କରିଦିଅନ୍ତୁ।
- ସୁସ୍ଥ ତଳି ପାଇଁ ତଳିଘରାରେ ମୂଳସାର ହିସାବରେ ୧୦ ଡେସିମାଲ ପିଛା ୨୦୦ କି.ଗ୍ରା. ସଢ଼ା ଗୋବର ଖତ ସହିତ ୧୨ ରୁ ୧୫ କି.ଗ୍ରା. ଡ଼ି.ଏ.ପି ଏବଂ ୧୦ ରୁ ୧୨ କି.ଗ୍ରା. ଏମ୍.ଓ.ପି ଏବଂ ଏହା ସହିତ ୨୦୦ ଗ୍ରାମ ଜିଙ୍କ ପ୍ରୟୋଗ କରନ୍ତୁ।

**କାଦୁଅ ବୁଣା ଧାନ:**

- ଗଜା ଧାନକୁ କାଦୁଅ ଜମିରେ ଡ୍ରମ ମଞ୍ଜି ବୁଣା ଯନ୍ତ୍ର ଦ୍ବାରା କିମ୍ବା ହାତରେ ଛଟା ବୁଣା କରି ଦିଅନ୍ତୁ। ତଳି ଭଲ ବଢ଼ିବା ପାଇଁ ଏବଂ ଚେର ମାଟିକୁ ଧରିବା ପାଇଁ ଜମିରେ ପତଳା ପାଣିସ୍ତର ରଖନ୍ତୁ।
- ବିଲରେ କାଦୁଅ କରିବା ସମୟରେ ମୂଳସାର ହିସାବରେ ଏକର ପ୍ରତି ୪୪ କି.ଗ୍ରା. ଡି.ଏ.ପି. ଓ ୩୩ କି.ଗ୍ରା. ଏମ୍.ଓ.ପି. ପ୍ରୟୋଗ କରନ୍ତୁ।
- ଘାସ ନିୟନ୍ତ୍ରଣ ପାଇଁ ଧାନ ବୁଣିବାର ୩ ରୁ ୫ ଦିନ ମଧ୍ୟରେ ପାଇରାଜୋସଲଫ୍ୟୁରାନ-ଇଥାଇଲ୍ ୧୦% ଡବ୍ଲୁ. ପି. ( ସାଥି ) ଏକର ପିଛା ୮୦ ଗ୍ରାମ ପ୍ରୟୋଗ କରନ୍ତୁ କିମ୍ବା ବେନସଲଫ୍ୟୁରାନ-ମିଥାଇଲ୍ ସହିତ ପ୍ରିଟିଲାକ୍ଲୋର ଦାନାଦାର ଏକରକୁ ୪ କି.ଗ୍ରା. ହିସାବରେ ସମାନ ପରିମାଣର ବାଲି ସହିତ ମିଶାଇ ପ୍ରୟୋଗ କରନ୍ତୁ।

**କପା :**

- କପା ଫୁଟିବା ଆରମ୍ଭ ହୋଇ ଥିବାରୁ ସମ୍ପୂର୍ଣ ଫୁଟିଥିବା ବକରାରୁ କପା ତୋଳନ୍ତୁ ।
- ତୋଳିଥିବା କପାକୁ ସିମେଣ୍ଟ ଚଟାଣ କିମ୍ବା ତାରପଲିନ ଉପରେ ଭଲ ଭାବରେ ଶୁଖାନ୍ତୁ ଯେପରିକି ଏହାର ଆଦ୍ରତା ୮ -୧୦ % ଭିତରେ ରହିବ।
- ସର୍ବନିମ୍ନ ସହାୟକ ମୂଲ୍ୟ (ଦୀର୍ଘ ତନ୍ତୁ କପା - ୭୦୨୦ ଟଙ୍କା ପ୍ରତି କୁଇଣ୍ଟାଲ ) ପାଇବା ପାଇଁ ତୋଳି ସାରିଥିବା କପା କୁ ନିକଟସ୍ଥ ମଣ୍ଡି ରେ ବିକ୍ରି କରନ୍ତୁ।

**ଚିନାବାଦାମ:**

- ଖରାଟିଆ ଚିନାବାଦାମ ଚାଷ ପାଇଁ ଏବେ ଉପଯୁକ୍ତ ସମୟ ଅଟେ । ମଞ୍ଜି ବୁଣିବା ପୂର୍ବରୁ ପ୍ରତି ଏକ କିଲୋଗ୍ରାମ ମଞ୍ଜିକୁ ୩-୩.୫ ଗ୍ରାମ କାର୍ବେନ୍ଡାଜିମ୍ ୨୫% + ମାଙ୍କୋଜେବ ୫୦% ଡବ୍ଲୁ.ଏସ୍ ଦ୍ୱାରା ବିହନକୁ ବିଶୋଧନ କରନ୍ତୁ ଏବଂ ବୁଣିବା ସମୟରେ ପ୍ରତି ୨୫ କିଲୋଗ୍ରାମ ମଞ୍ଜି କୁ ୫୦୦ ଗ୍ରାମ ଅଥବା ୨୫୦ ମିଲିଗ୍ରାମ ରାଇଯୋବିୟମ୍ କଲଚର୍ ଦ୍ୱାରା ବିହନକୁ ବିଶୋଧନ କରନ୍ତୁ।
- **ଏକର ପ୍ରତି ବିହନ ପରିମାଣ** - ୪୦ ରୁ ୫୦ କିଲୋଗ୍ରାମ ଚୋପାଛଡ଼ା ବିହନ ।
- **ଉପଯୁକ୍ତ କିସମ** - ଦେବୀ (ଆଇସିଜିଭି ୯୧୧୧୪), କଦେରୀ-୬, କଦେରୀ-୯, ଟିଏଜି-୫୧, ଟିଏମଭି -୨, ସ୍ମୃତି (ଓଜି ୫୨-୧), ସିଓ-୭, ଧରଣୀ ଇତ୍ୟାଦି,।
- **ଖାଦ୍ୟସାର ପରିଚାଳନା** – ବିହନ ବୁଣିବା ବେଳେ ଏକର ପ୍ରତି ୪୦ କିଲୋଗ୍ରାମ ଡି.ଏ.ପି, ୨୫ କିଲୋଗ୍ରାମ ଏମ୍.ଓ.ପି ସାର ପ୍ରୟୋଗ କରନ୍ତୁ । ଏହାସହିତ ମୂଳସାର ହିସାବରେ ଏକର ପିଛା ୧ କୁଇଣ୍ଟାଲ ଜିପସମ୍ ପ୍ରୟୋଗ କରନ୍ତୁ ।

**ହରଡ଼ :**

- ଫଳ ବିନ୍ଧା ପୋକର ନିୟନ୍ତ୍ରଣ ପାଇଁ ୫ ମି.ଲି. ଡେଲଟାମେଥରିନ୍ ୨.୮% ଇ.ସି. କିମ୍ବା ୧.୫ ମି.ଲି. ସ୍ପିନୋସାଡ ୪୫% ଏସ.ସି କିମ୍ବା ୧ ମି.ଲି. ଫ୍ଲୁବେଣ୍ଡିଆମାଇଡ ୩୯.୩୫ % ଏସ୍.ସି କୁ ପାଞ୍ଚ ଲିଟର ପାଣିରେ ମିଶ୍ରଣ କରି ସିଞ୍ଚନ କରନ୍ତୁ।
- ଜଉ ପୋକ କୁ ନିୟନ୍ତ୍ରଣ କରିବା ପାଇଁ ପ୍ରତି ୫ ଲିଟର ପାଣିରେ ୧ ଗ୍ରା. ଥିଓମେଥୋକ୍ସମ୍ ୨୫ ଡବ୍ଲ୍ୟୁ.ଜି ନଚେତ ପ୍ରତି ୧୦ ଲିଟର ପାଣିରେ ୩ ମି.ଲି. ଇମିଡ଼ାକ୍ଲୋପ୍ରିଡ୍ ୧୭.୮% ଏସ୍.ଏଲ୍. କୁ ମିଶ୍ରିତ କରି ସିଂଚନ କରନ୍ତୁ ।

**ସୂର୍ଯ୍ୟମୁଖୀ:**

- **ଖାଦ୍ୟସାର ପରିଚାଳନା** - ପ୍ରତି ଏକର ପିଛା ଅଧା ପରିମାଣର ୟୁରିଆ (ଉନ୍ନତ କିସମ-୬ କି.ଗ୍ରା., ସଙ୍କର କିସମ-୧୨ କି.ଗ୍ରା.) + ଅଧା ପରିମାଣର ଏମ୍ଓପି (ଉନ୍ନତ କିସମ-୧୦ କି.ଗ୍ରା., ସଙ୍କର କିସମ-୨୦ କି.ଗ୍ରା.) ଦ୍ବିତୀୟ ଦଫା ସାର ହିସାବରେ ଦ୍ବିତୀୟ ଜଳସେଚନ ସମୟରେ ପ୍ରାୟୋଗ କରନ୍ତୁ।
- **ଶୋଷକ କୀଟ ସମୂହ (ଜଉ ପୋକ, ପତ୍ରଡିଆଁ ପୋକ, ଉକୁଣିଆ ପୋକ ଓ ଧଳାମାଛି):** ପ୍ରତିକାର ପାଇଁ ଆବଶ୍ୟକ ମତେ ଏକର ପ୍ରତି ୬୦ ଗ୍ରାମ ଏସିଟାମିପ୍ରିଡ କିମ୍ବା ୮୦ ଗ୍ରାମ ଥାୟୋମେଥୋକଜାମ କୁ ପ୍ରତି ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- **ପାଉଁଶିଆ ରୋଗ:** ପ୍ରତିକାର ପାଇଁ ଏକର ପ୍ରତି ୨ ଗ୍ରାମ ସେଚିତ ଗନ୍ଧକ ଗୁଣ୍ଡ କୁ ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ପନିପରିବା :**

ଟମାଟୋ:

- **ଉଦ୍ଭିଦ ବୃଦ୍ଧି ନିୟାମକ:** ଗଛର ସଅଳ ବୃଦ୍ଧି ଓ ଅଧିକ ଅମଳ ନିମନ୍ତେ ୪.୫ ମିଲିଗ୍ରାମ ଆଲଫା ନାପଥାଇଲ ଏସିଟିକ ଏସିଡ ୪.୫% ଏସ.ଏଲ କୁ ୧୦ ଲିଟର ପାଣିରେ ମିଶାଇ ଫୁଲ ଧରିବା ସମୟରେ ଦୁଇଥର ସିଞ୍ଚନ କରନ୍ତୁ ।
- **ଫଳ ଓ କାଣ୍ଡବିନ୍ଧା ପୋକ :** ନିୟନ୍ତ୍ରଣ ପାଇଁ ଏକର ପ୍ରତି ଦୁଇଟି ଲେଖାଏଁ ଫେରୋମୋନ ଟ୍ରାପ ବ୍ୟବହାର କରନ୍ତୁ ନଚେତ ପ୍ରତି ୧୫ ଧାଡ଼ି ବ୍ୟବଧାନରେ ଗେଣ୍ଡୁଫୁଲ କୁ ଅନ୍ତ ଫସଲ ରୂପେ ଲଗାନ୍ତୁ।
- **ଝାଉଁଳା ଓ ପତ୍ର ପୋଡ଼ା ରୋଗ:** ନିୟନ୍ତ୍ରଣ ପାଇଁ ପ୍ରତି ଏକ ଲିଟର ପାଣିରେ ୧ ଗ୍ରାମ କରବେନଡାଜିମ ସହିତ ୧ଗ୍ରାମ ପ୍ଲାନଟୋମାଇସିନ କୁ ମିଶ୍ରଣ କରି ଗଛ ମୂଳରେ ସିଞ୍ଚନ କରନ୍ତୁ।

ଫୁଲ କୋବି ଓ ବନ୍ଧା କୋବି:

- **ଉଦ୍ଭିଦ ବୃଦ୍ଧି ନିୟାମକ:** ଗଛର ସଅଳ ବୃଦ୍ଧି ଓ ଅଧିକ ଅମଳ ନିମନ୍ତେ ୩.୫ ମି.ଲି ଜିବେରେଲିକ୍ ଏସିଡ ୦.୦୦୧% ଏଲ୍ କୁ ପ୍ରତି ୧୦ ଲିଟର ପାଣିରେ ମିଶାଇ ମଞ୍ଜି ବୁଣିବାର ୪୫ ଓ ୬୦ ଦିନ ପରେ ସିଞ୍ଚନ କରନ୍ତୁ।
- **ଠିକିରି ପିଠିଆ ପ୍ରଜାପତି ପୋକ:** ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି ଫିପ୍ରୋନିଲ୍ ୫% ଏସ.ସି କିମ୍ବା ୪ ମି.ଲି କ୍ଲୋରୋପାଇଫୋସ୍ ୨୦ % ଇ.ସି କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ।
- **ତମ୍ବାଖୁ ପତ୍ରଖିଆ ପୋକ:** ନିୟନ୍ତ୍ରଣ ପାଇଁ ୬ ମି.ଲି ସିନଟ୍ରାନିଲିପ୍ରୋଲ ୧୦.୨୬% ଓ.ଡି କୁ ୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।
- **ଜଉ ପୋକ:** ନିୟନ୍ତ୍ରଣ ପାଇଁ ପ୍ରତି ୫ ଲିଟର ପାଣିରେ ୧ ଗ୍ରା. ଥିଓମେଥୋକ୍ସମ୍ ୨୫ ଡବ୍ଲ୍ୟୁ.ଜି **କୁ** ମିଶାଇ ସିଞ୍ଚନ କରନ୍ତୁ ।

**ବାଇଗଣ:**

- **ଉଭିଦ୍ଧ ବୃଦ୍ଧି ନିୟାମକ:** ଗଛର ସଅଳ ବୃଦ୍ଧି ଓ ଅଧିକ ଅମଳ ନିମନ୍ତେ ୧ ମି.ଲି ଜିବେରେଲିକ୍ ଏସିଡ ୦.୦୦୧% ଏଲ୍ କୁ ପ୍ରତି ୧୦ ଲିଟର ପାଣିରେ ମିଶାଇ ମଞ୍ଜି ବୁଣିବାର ୩୫ ଓ ୭୦ ଦିନ ପରେ ସିଞ୍ଚନ କରନ୍ତୁ।
- **କାଣ୍ଡ ଓ ଫଳ ବିନ୍ଧା ପୋକ**: ନିୟନ୍ତ୍ରଣ ପାଇଁ ଅଙ୍ଗୀୟ ଅବସ୍ଥାରେ ଏକର ପିଛା  ୮ ଟି ଫେରୋମୋନ୍ ଟ୍ରାପ୍ (ଆକର୍ଷକ ଜନ୍ତା) କିମ୍ବା ୱାଟା ଟ୍ରାପ୍ ଜମିରେ ଲଗାନ୍ତୁ ।

**ପଶୁପାଳନ**

- **ଗାଈ ଓ ମଈଁଷି :** ଦୁଗ୍ଧ ଦେଉଥିବା ପ୍ରାଣୀ ମାନଙ୍କୁ ପର୍ଯ୍ୟାପ୍ତ ପରିମାଣର ଦାନା ଓ ସବୁଜ ଘାସ ଯୋଗାଇ ଦିଅନ୍ତୁ।
- **କୁକୁଡ଼ା:** ବିଶେଷ କରି ଶୀତ ଦିନ ରାତିରେ କୁକୁଡ଼ା ଚିଆଁ ମାନଙ୍କୁ ଉତ୍ତାପ ପ୍ରଦାନ ପାଇଁ ବ୍ୟବସ୍ଥା କରନ୍ତୁ ଯଦ୍ୱାରା ସେମାନଙ୍କର ମରଣଶୀଳତା ହ୍ରାସ ପାଇବ । କୁକୁଡ଼ା ଚିଆଁ ମାନଙ୍କୁ ଆବଶ୍ୟକୀୟ ଟୀକାକରଣ କରିବା ସଙ୍ଗେ ସଙ୍ଗେ ପ୍ରଥମ ୨ ରୁ ୩ ସପ୍ତାହ ପର୍ଯ୍ୟନ୍ତ ଉପଯୁକ୍ତ ତାପମାତ୍ରା ପ୍ରଦାନ କରନ୍ତୁ। କୁକୁଡ଼ା ଘରକୁ ନିୟମିତ ଭାବେ ସଫା ରଖନ୍ତୁ ଓ ଚଟଣାକୁ ଆର୍ଦ୍ରତା ମୁକ୍ତ କରନ୍ତୁ।
- **ଛେଳି:** ଶୀତଦିନିଆ ଥଣ୍ଡା ପବନ ଓ ସନ୍ତସନ୍ତିଆ ଚଟାଣ ଠାରୁ ସୁରକ୍ଷା ପ୍ରଦାନ କରନ୍ତୁ।

ନୋଡାଲ ଅଫିସର
ଗ୍ରାମୀଣ କୃଷି ମୌସମ ସେବା , ଭବାନୀପାଟଣା

ବି.ଦ୍ର.:- ସ୍ଥାନୀୟ ପାଣିପାଗ ସମ୍ବନ୍ଧୀୟ ତଥ୍ୟ ପାଇଁ "ମଉସମ", ପାଣିପାଗ ଭିତିକ କୃଷି ସୂଚନା ପାଇଁ "ମେଘଦୂତ" ଓ ବିଜୁଳି ସତର୍କ ସୂଚନା ପାଇଁ "ଦାମିନୀ" ମୋବାଇଲ ଆପ୍ଲିକେସନ ବ୍ୟବହାର କରନ୍ତୁ।

କୃଷିରେ ଅଧିକତର ଲାଭ ନିମନ୍ତେ ଓୟୁଏଟି କଳିଙ୍ଗ ଦ୍ରବ୍ୟ ବ୍ୟବହାର କରନ୍ତୁ (ବିହନ, ଚାରା ଓ ଗୁଣାତ୍ମକ ବୃକ୍ଷରୋପଣ ସାମଗ୍ରୀ, ଟିସୁ କଲ୍ଚର ଚାରା, ଫଳ ଓ ପନିପରିବା,  ମୂଲ୍ୟଯୁକ୍ତ ଉତ୍ପାଦ , ଅଙ୍ଗୁଳିକା ଯାଆଁଳ/ ବର୍ଷିକୀୟା ଯାଆଁଳ, କୁକୁଡ଼ା ଚିଆଁ, ପଶୁ ପ୍ରଜାତି, ଛତୁ ଓ ମଞ୍ଜି , ଜୀବାଣୁ ସାର , ଜୈବିକ କୀଟନାଶକ , ଜିଆ ଓ ଜିଆଖତ ଏବଂ କୃଷି ଯନ୍ତ୍ରପାତି).

ଭାରତୀୟ ପାଣିପାଗ ସଂସ୍ଥା ର ପାଣିପାଗ ଆକଳନ ଓ କୃଷିପାଣିପାଗ ଜନିତ ସୂଚନା ଏବେ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ମେଘଦୂତ ଆପ ରେ ଉପଲବ୍ଧ । ଆପ ଡାଉନଲୋଡ କରିବା ପାଇଁ ନିମ୍ନ ଲିଙ୍କରେ କ୍ଲିକ କରନ୍ତୁ ।
**(Android: https://play.google.com/store/apps/details?id=com.aas.meghdoot), (iOS: https://apps.apple.com/in/app/meghdoot/id1474048155)**